SAMBAD
ସମ୍ବାଦ
୧୭ ଭୁବନେଶ୍ୱର
୧୬ ଜୁଲାଇ, ୨୦୧୮

THE SAMBAD
Dt- 16-July-2018

# ସ୍ଥାୟୀ ହତାକୁ ଆସିଲା ଆଇଆଇଟି କାର୍ଯ୍ୟାଳୟ

ଜଟଣୀ,୧୫।୭(ଇମିସ): ସ୍ଥାନୀୟ ଅରଗୁ ସ୍ଥିତ ଆଇଆଇଟି ଭୁବନେଶ୍ୱରର ସ୍ଥାୟୀ ପରିସରରେ ଏବେ କାର୍ଯ୍ୟ କରିବ ଏହାର ପ୍ରାଶାସନିକ କାର୍ଯ୍ୟାଳୟ। ଗତକାଲି ପବିତ୍ର ଶ୍ରୀଗୁଣ୍ଡିଚା ଅବସରରେ ନିର୍ମାଣ ସରିଥିବା ପ୍ରାଶାସନିକ ସୌଧର ପୂଜାପାଠ ପରେ ଭୁବନେଶ୍ୱର ତୋଷାଳି ଭବନରେ ଚାଲୁଥିବା ଉକ୍ତ କାର୍ଯ୍ୟାଳୟର ସମସ୍ତ କାଗଜାତ ଏବଂ ଆସବାବପତ୍ର ଏଠାକୁ ଉଠିଆସିଛି।

ସୂଚନାଯୋଗ୍ୟ, ୨୦୧୫ ଜୁଲାଇ ମାସରେ ଅରଗୁଳ ସ୍ଥାୟୀ ପରିସରରେ ସମସ୍ତ ଶିକ୍ଷା ବିଭାଗ ସମେତ ଅନ୍ୟାନ୍ୟ ବ୍ୟବସ୍ଥା କାର୍ଯ୍ୟକ୍ଷମ ହୋଇଥିବା ବେଳେ କେବଳ କେନ୍ଦ୍ରୀୟ ପ୍ରାଶାସନିକ କାର୍ଯ୍ୟାଳୟ ଭୁବନେଶ୍ୱରରେ ଚାଲୁଥିଲା। ଗତକାଲି ଉକ୍ତ କାର୍ଯ୍ୟାଳୟ ଉଠିଆସିବା ପରେ ଏଥର ଆଇଆଇଟିର ସମସ୍ତ କାର୍ଯ୍ୟ ସ୍ଥାୟୀ ପରିସରରେ ଉପଲବ୍ଧ ହେବ। ୩ବର୍ଷ ତଳୁ ସ୍ଥାୟୀ ପରିସରରେ ବିଭିନ୍ନ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କେନ୍ଦ୍ର ମାନବ ସମ୍ବଳ ବିକାଶ ବିଭାଗ ମନ୍ତ୍ରାଳୟର ସହାୟତା ସହ ରାଜ୍ୟ ସରକାରଙ୍କ ଜମି ଯୋଗାଇବାରେ ସହଯୋଗ କରିଥିବାରୁ ଆଇଆଇଟି ଉଲ୍ଲେଖନୀୟ କାର୍ଯ୍ୟ କରିବା ସହ ସଫଳତା ହାସଲ କରିପାରିଛି। ତେଣୁ ଆଗାମୀ ଦିନରେ ଏହି ଅନୁଷ୍ଠାନ ଆହୁରି ଅନେକ ପଦକ୍ଷେପ ନେବାକୁ ରହିଛି। ଏଥି ସହିତ ଆନ୍ତର୍ଜାତିକ କ୍ଷେତ୍ରରେ ଆଇଆଇଟି ଯେପରି ଉଚ୍ଚମାନର ପ୍ରଶଂସା ପାଇପାରିବ ସେଥିପ୍ରତି ସମସ୍ତ ପ୍ରଚେଷ୍ଟା ଜାରିରହିବ ବୋଲି ଆଇଆଇଟି କର୍ତ୍ତୃପକ୍ଷ ଏକ ପ୍ରେସ୍ ବିବୃତିରେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେହିପରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ କୃତଜ୍ଞତା ମଧ୍ୟ ପ୍ରକାଶ କରିଛନ୍ତି। ଗତକାଲି କାର୍ଯ୍ୟାଳୟ ସ୍ଥାନାନ୍ତର କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ପ୍ରଫେସର ଭି ରାଜାକୁମାର ଏବଂ କୁଳସଚିବ ଡ. ଦେବରାଜ ରଥଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

